# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**11 July - 2024**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍ ପ୍ରସ୍ତୁତି ନେଇ ନୂଆଦିଲ୍ଲୀଠାରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ରତ୍ନଭଣ୍ଡାର ଖୋଲିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିର ସୁପାରିସ ମିଳିବା ପରେ ନିଆଯିବ ପରବର୍ତ୍ତୀ ପଦକ୍ଷେପ, କହିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

- ରାଜ୍ୟରେ ୫ ହଜାର ୯୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଥିବା ୨୬ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କଲା ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେବ ହେରାଞ୍ଚମୀ ନୀତି

ଏବଂ

- ସମଗ୍ର ରାଜ୍ୟରେ ପାଳିତ ହେଉଛି ବିଶ୍ୱ ଜନସଂଖ୍ୟା ଦିବସ

*Desk*

# ପିଏମ୍-ବଜେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪-୨୫ ଆର୍ଥିକ ବଜେଟ୍ ପ୍ରସ୍ତୁତି ସଂପର୍କରେ ଆଜି ନୂଆଦିଲ୍ଲୀରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ସହ ଆଲୋଚନା କରୁଛନ୍ତି । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଓ ଅନ୍ୟ କେତେକ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇଛନ୍ତି । ଆଗାମୀ ବଜେଟ୍ ସଂପର୍କରେ ଶ୍ରୀ ମୋଦି ସମ୍ପୃକ୍ତ ଅର୍ଥନୀତିଜ୍ଞମାନଙ୍କ ପ୍ରସ୍ତାବ ଓ ପରାମର୍ଶ ସମ୍ପର୍କରେ ଆଲୋଚନା କରୁଛନ୍ତି ।

ସଂସଦର ବଜେଟ୍ ଅଧିବେଶନ ଚଳିତ ମାସ ୨୨ରେ ଆରମ୍ଭ ହେବାକୁ ଥିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୩ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଲୋକସଭାରେ ଉପସ୍ଥାପନ କରିବେ । ନରେନ୍ଦ୍ର ମୋଦିଙ୍କ ତୃତୀୟପାଳି ସରକାରର ଏହା ପ୍ରଥମ ବଜେଟ୍ ହେବ । ସୂଚନା ଯୋଗ୍ୟ ଲୋକସଭା ନିର୍ବାଚନ ଯୋଗୁଁ ଗତ ଫେବୃୟାରୀ ମାସରେ କେନ୍ଦ୍ର ସରକାର ମଧ୍ୟବର୍ତ୍ତୀକାଳୀନ ବଜେଟ୍ ଆଗତ କରିଥିଲେ ।

*HS*

# ରତ୍ନଭଣ୍ଡାର ଯାଞ୍ଚ କମିଟିର ସୁପାରିସ୍

ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ କମିଟିର ସୁପାରିସକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ କରିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନ କହିଛନ୍ତି। ପରିଚାଳନା କମିଟିର ସୁପାରିସ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନେଇ ବିଚାର ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ନେଇ ଯାଞ୍ଚ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

***Sonepur***

## ଉପମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଜି ସୁବର୍ଣ୍ଣପୁର ଜିଲ୍ଲାକୁ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କୃଷି, ଜଳସେଚନ, ଶକ୍ତି, ଆଇନ ଶୃଙ୍ଖଳା ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପିଏମ୍ କିଷାନନିଧି ସମ୍ମାନ ଯୋଜନା, ଜଳସେଚନ, ଧାନକ୍ରୟ ସହ ଗ୍ରାମୀଣ ବିଦ୍ୟୁତକରଣ ଏବଂ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଗୁଡ଼ିକ ଉପରେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ବିଧାୟକ ରଘୁନାଥ ଜଗଦଲାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

***Rayagarh***

## ଉପମୁଖ୍ୟମନ୍ତ୍ରୀଙ୍କ ରାୟଗଡ଼ା ଜିଲ୍ଲା ଗସ୍ତ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ରାୟଗଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇଥିଲେ। କାଶୀପୁର ବ୍ଲକ କାର୍ଯ୍ୟାଳୟଠାରେ ବିଭିନ୍ନ ସରକାରୀ ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିଥିଲେ। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କାଶୀପୁରରେ ପହଁଞ୍ଚି ଉପମୁଖ୍ୟମନ୍ତ୍ରୀ ନବନିର୍ମିତ ଗିରିଗୋବର୍ଦ୍ଧନ ମନ୍ଦିର ପ୍ରତିଷ୍ଠା ସମାରୋହରେ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ରଘୁରାମ ମାଛ ପ୍ରମୁଖ ଏହି ଗସ୍ତରେ ଯାଇଥିଲେ।

***Desk***

## ଏକକ ବାତାୟନ କମିଟି

ରାଜ୍ୟରେ ୫ ହଜାର ୯୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟଅଟକଳରେ ୨୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷଙ୍କ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୧୪ଟି ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ଏହି ଜିଲ୍ଲାଗୁଡ଼ିକ ହେଉଛି ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, ଝାରସୁଗୁଡ଼ା, ବୌଦ୍ଧ, କୋରାପୁଟ, ବାଲେଶ୍ୱର, କଟକ, ଭଦ୍ରକ ଓ ପୁରୀ। ଏହି ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୯ ହଜାର ୩୬୪ କର୍ମନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ବୈଠକରେ ମିଳିଥିବା ସୂଚନା ଅନୁଯାୟୀ, ନୂତନ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଇସ୍ପାତ,

ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ବୟନଶିଳ୍ପ, ଉତ୍ପାଦନ, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ଆଇ.ଟି., ଭିତ୍ତିଭୂମି ଏବଂ ପର୍ଯ୍ୟଟନ କ୍ଷେତ୍ର ରହିଛି।

***Puri***

## ପୁରୀ– ହେରାପଞ୍ଚମୀ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେଉଛି। ପରମ୍ପରା ଅନୁଯାୟୀ, ଅଭିମାନିନୀ ମା' ମହାଲକ୍ଷ୍ମୀ ଆଡ଼ପ ମଣ୍ଡପରେ ବିରାଜିତ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ଲାଗି ଗୁଣ୍ଡିଚା ମନ୍ଦିରକୁ ଯିବେ। ଏ ସମ୍ପର୍କରେ ଆମ ପୁରୀ ପ୍ରତିନିଧି ସୌମିତ୍ର ହରିଚନ୍ଦନଙ୍କ ରିପୋର୍ଟ...

**- V/O –**

***HS/Desk***

## ବିଶ୍ୱ ଜନସଂଖ୍ୟା ଦିବସ

ବିଶ୍ୱ ଜନସଂଖ୍ୟା ଦିବସ ସମଗ୍ର ରାଜ୍ୟରେ ଆଜି ପାଳିତ ହେଉଛି। ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ଉପରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଏ। ୧୯୯୦ ମସିହାରୁ ଜାତିସଂଘ ତରଫରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ଜନସଂଖ୍ୟା ବୃଦ୍ଧି ଯୋଗୁଁ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେବା ସହ ରୋଜଗାର, ଖାଦ୍ୟ, ଶକ୍ତି, ଜଳ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ

କରିବା ଲାଗି ବିଭିନ୍ନ ଦେଶ ପକ୍ଷରୁ ଯୋଜନାମାନ ପ୍ରସ୍ତୁତ କରିବା ଲାଗି ଜାତିସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପରିବାର ବିକାଶ ବିଷୟରେ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ଏହି ଦିବସ ପାଳନ ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ପୃଥକ ପୃଥକ ବାର୍ତ୍ତାରେ ଜନସଂଖ୍ୟା ବୃଦ୍ଧିକୁ ପ୍ରତିହତ କରିବା ଲାଗି ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି।

***Nuapada***

## ଯାନବାହନ ଚଳାଚଳ ବ୍ୟାହତ

ନୂଆପଡ଼ା ଜିଲ୍ଲା ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥର ପେଣ୍ଡରାବନ୍ଧଠାରେ ଦବିଯିବା ଯୋଗୁଁ ଯାନବାହନ ଚଳାଚଳ ବ୍ୟାହତ ହେଉଛି। ରାଜପଥର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ନେଇ ଅଭିଯୋଗ ପରିପ୍ରେକ୍ଷୀରେ ଜାତୀୟ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ଆଜି ଦବି ଯାଇଥିବା ଅଞ୍ଚଳ ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଦବିବାର କାରଣ ସମ୍ପର୍କରେ ତର୍ଜମା କରାଯାଉଛି ଏବଂ ଏହାର ଶୀଘ୍ର ମରାମତି ସହ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

*HS*

## ସଡ଼କ ଦୁର୍ଘଟଣା

ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ବରୁଆଁ ଏବଂ ରାଜଘାଟ ମଧ୍ୟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ଏକ ମୋଟର ସାଇକେଲ ରାସ୍ତା ଉପରେ ଠିଆ ହୋଇଥିବା ହାଇୱାକୁ ପଛପଟୁ ଧକ୍କା ଦେବା ଫଳରେ ବାଇକ ଆରୋହୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସଦର ଥାନା ପୁଲିସ ଦୁଇଟିଯାକ ଗାଡ଼ିକୁ ଜବତ କରିବା ସହ ଦୁର୍ଘଟଣାର କାରଣ ନେଇ ତଦନ୍ତ କରୁଛି।

*Desk*

## ପାରାଦ୍ୱୀପ ବନ୍ଦର ସଫଳତା

ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନରେ ୪୧ ଦଶମିକ ୧/୨ ନିୟୁତ ଟନ୍ ମାଲ୍ ପରିବହନ କରି ସଫଳତା ହାସଲ କରିଛି। ୨୦୨୩-୨୪ ଆର୍ଥିକ ବର୍ଷର ସେହି ସମୟ ମଧ୍ୟରେ ହାସଲ କରିଥିବା ୩୯ ଦଶମିକ ୨/୫ ମେଟ୍ରିକ ଟନ୍ ମାଲ୍ ପରିବହନ ତୁଳନାରେ ଏହା ୪ ଦଶମିକ ୭/୮ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ଏହି ସଫଳତା ପାଇଁ ପାରାଦ୍ୱୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଥ, କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ରଣନୈତିକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

## ଭାରୋତ୍ତଳନ ପ୍ରତିଯୋଗିତା

ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତଳନ ଜୋନାଲ ଲିଗ୍ ପ୍ରତିଯୋଗିତା ଗତକାଲିଠାରୁ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତଳନ ହଲ୍‌ରେ ଆରମ୍ଭ ହୋଇଛି। ୧୦ଟି ରାଜ୍ୟର ୧୩୫ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ତିନୋଟି ବର୍ଗରେ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ରାଜ୍ୟରୁ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଆସନ୍ତା ୧୪ ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ଫସଲ ବୀମା – ପଞ୍ଜିକରଣ

ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି । ଭାଗ ଚାଷୀମାନେ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକମାନଙ୍କ ପାଖରୁ ଅନୁମତି ଆଣି ଆବେଦନ କରିପାରିବେ । ସେହିପରି ଋଣ ନେଇଥିବା ଚାଷୀମାନେ ଋଣ ଦେବା ଅନୁଷ୍ଠାନର ସହମତିରେ ପଞ୍ଜିକରଣ କରିବାର ବ୍ୟବସ୍ଥା କରାଯାଇଛି । ତେବେ ଜଣେ ଚାଷୀ ସର୍ବାଧିକ ୫ଏକର ଜମି ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ କରିବା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ ବୋଲି ସୂଚନା ମିଳିଛି । ଏହି ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

******************************